## ସଂକ୍ଷେପରେ

### କମେଣ୍ଟମରାକୁ ନେଇ ମାରପିଟ୍

କଣିହାଁ, ୩୧।୧(ଡି.ଏନ.ଏ.)- କମେଣ୍ଟମରାକୁ ନେଇ ମାରପିଟ ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲିପଶି ପଞ୍ଚାୟତ ନାକିଟିଦେଉଳ ଗ୍ରାମର ପର୍ଶୁ ପ୍ରଧାନ। ଆଇଆଇସି ସରୋଜକାନ୍ତ ସାମଲଙ୍କ ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଜାତିଆଣ କମେଣ୍ଟ ମରାକୁ ନେଇ ପର୍ଶୁ ଓ ରମେଶ ପ୍ରଧାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ପର୍ଶୁ ଏକ ଠେଙ୍ଗାରେ ରମେଶଙ୍କୁ ପିଟିଥିଲେ। ଆହତ ଅବସ୍ଥାରେ ପରିବାର ଲୋକେ ରମେଶଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସିତ ହୋଇ ରମେଶ ଏ ସମ୍ପର୍କରେ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୫/୨୦ରେ ମାମଲା ରୁଜୁ କରିବା ସହ ପର୍ଶୁଙ୍କୁ ଗିରଫ କରିଛି।

### ଚୋରା କୋଇଲା ବୋଝେଇ ଭ୍ୟାନ ଜବତ

କଣିହାଁ, ୩୧।୧(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ଶୁକ୍ରବାର ଏକ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, ପାଟ୍ରୋଲିଂ ବେଳେ ସାପକଟା ଗ୍ରାମ ନିକଟରୁ କୋଇଲା ବୋଝେଇ ଭ୍ୟାନ (ନଂ.ଓଡି୧୯ବି-୪୦୫୨) ଧରାପଡିଥିଲା। ଚାଳକ ଫେରାର ଅଛନ୍ତି। ଏ ନେଇ ନଂ.୧୧୫/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଜବତ ଗାଡ଼ିରୁ ୨ ଟନ୍‌ରୁ ଅଧିକ କୋଇଲା ଜବତ ହୋଇଛି।

### ଅଷ୍ଟପ୍ରହର ନାମଯଜ୍ଞ



ପାଲଲହଡ଼ା, ୩୧।୧(ଡି.ଏନ.ଏ.)- ସ୍ଥାନୀୟ ଶାସନସାହିଠାରେ ଅଷ୍ଟପ୍ରହର ନାମ ଯଜ୍ଞ ସାହି ଅଷ୍ଟପ୍ରହର କମିଟି ଦ୍ୱାରା ଅନୁଷ୍ଠିତ ହୋଇଛି। ଗତ ୨୯ ତାରିଖରୁ ୨ ଦିନ ଧରି ଚାଲିଥିବା ଏହି ଯଜ୍ଞରେ ସାହିବାସୀଙ୍କ ପକ୍ଷରୁ ଅଧିବାସ ଓ କଳସ ଯାତ୍ରା କରାଯାଇଥିଲା। ସ୍ଥାନୀୟ ରାଜବାଟି ଘାଟରୁ ପାଣି ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରାଯାଇଥିଲା। ୩୦ ତାରିଖରେ ନାମ ଯଜ୍ଞ ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ରଖାଯାଇଥିଲା। ଶେଷ ଦିନରେ ନାମଯଜ୍ଞ ସହ ନଗର ପରିକ୍ରମା କରାଯାଇଥିଲା। ଏଥିରେ ସାହିବାସୀ ସହଯୋଗ କରିଥିଲେ।

### ଫୋନ୍ ବିକ୍ରିକୁ ନେଇ ଗଣ୍ଡଗୋଳ, ୨ ଗିରଫ

କଣିହାଁ, ୩୧।୧(ଡି.ଏନ.ଏ.): ଏକ ମୋବାଇଲ ଫୋନ ବିକ୍ରି ଅର୍ଥକୁ ନେଇ ଗଣ୍ଡଗୋଳ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମର ଲିପୁନ ପ୍ରଧାନ ଓ ବିଶ୍ୱଜିତ ପ୍ରଧାନ। ଆଇଆଇସି ପ୍ରଭାତ ତ୍ରିପାଠୀଙ୍କ ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ଏକ ଫୋନ ବିକ୍ରିକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ପରସ୍ପର ପରସ୍ପରକୁ କାମୁଡ଼ି ଦେଇଥିଲେ। ଉଭୟଙ୍କ ଅଭିଯୋଗରେ ନଂ. ୧୩/୨୦ ଏବଂ ୧୪/୨୦ରେ ୨ଟି ମାମଲା ରୁଜୁ କରାଯାଇ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି।

# ଅନ୍ୟ ୨ ଯୁବକଙ୍କ ସମ୍ପର୍କରେ ରିପୋର୍ଟ ମାଗିଲେ ଏସ୍‌ପି

- ୩୦ ମିନିଟରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା
- ବାଇକ୍‌କୁ ନେଇ ତନାଘନା ଆରମ୍ଭ
- ଜାମିନ୍ ପିଟିଶନ ରଦ୍ଦ ଆବେଦନ ଆଜି

ଅନୁଗୋଳ ଅଫିସ୍, ୩୧।୧

ଅନୁଗୋଳ ଥାନା ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନଙ୍କ ଠାରୁ ୩ ବନ୍ଧୁକ, ଗୋଟିଏ ଭଙ୍ଗା ମାଗାଜିନ୍ ଓ ୯ ଜୀବନ୍ତ ଗୁଳି ଜବତ ମାମଲାର ତଦନ୍ତ ଠିକ୍ ଭାବେ କରାଯାଇ ନ ଥିବାରୁ ଅନୁଗୋଳ ପୋଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଗୁରୁବାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅରକ୍ଷିତ ସେଠୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଏବେ ବାପିଙ୍କ ବାଇକ୍ ଓ ସହଯୋଗୀ ସନ୍ଦେହରେ ପୋଲିସ ଥାନାକୁ ଆଣି ଦୁଇ ଯୁବକଙ୍କୁ ପଚରାଉଚରା କରି ଛାଡ଼ିଦେଇଥିବା ସମ୍ପର୍କରେ ତନାଘନା ଆରମ୍ଭ କରିଛନ୍ତି ଏସ୍‌ପି ଜଗମୋହନ ମୀନା। ଯୁବକ ଦ୍ୱୟଙ୍କୁ କେଉଁ କାରଣରୁ ପୋଲିସ ଉଠାଇ ଆଣିଥିଲା ତାହାର ରିପୋର୍ଟ ମାଗିଛନ୍ତି ଏସ୍‌ପି। ଅନ୍ୟପଟେ ଅନୁଗୋଳ କୋର୍ଟ ଦେଇଥିବା ଜାମିନ୍ ପିଟିଶନ୍‌କୁ ରଦ୍ଦ କରିବାକୁ ଶନିବାର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରାଯିବ ବୋଲି ସରକାରୀ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି।



ଥାନାରେ ଥିବା ବାପିଙ୍କ ବୁଲେଟ୍।

ପ୍ରକାଶ ଯେ, ସ୍ପେଶାଲ ସ୍କ୍ୱାଡ୍ ବାପିଙ୍କୁ ତାମ୍ରିତ କଲୋନୀ କାଳୀ ମନ୍ଦିର ନିକଟରେ ଥିବା ଏକ ଘରୁ ଉଠାଇ ଆଣିଥିଲା। ଏଥିସହ ସେଠାରେ ଥିବା ତାଙ୍କ ବୁଲେଟ୍‌କୁ ମଧ୍ୟ ଥାନାକୁ ନେଇ ଆସିଥିଲା। କିନ୍ତୁ ପୋଲିସ ବାପିଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ବେଳେ ବୁଲେଟ୍‌କୁ ସିଜ୍ ଲିଷ୍ଟରେ ଦେଖାଇ ନ ଥିଲା। ଉକ୍ତ ବୁଲେଟ୍ କୁଆଡ଼େ ଗଲା ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କୁ ଏସ୍‌ପି ପଚାରିବା ସହ ଖୋଳତାଡ଼ ଆରମ୍ଭ କରିଛନ୍ତି। ସେହିପରି ବାପିଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଉଠାଇବାର ଦୁଇରୁ ତିନି ଘଣ୍ଟା ମଧ୍ୟରେ ଥାନାରୁ ଫୋନ୍ କରାଯାଇ ଅନ୍ୟ ଦୁଇ ଜଣଙ୍କୁ ଡକାଯାଇଥିଲା। ଦୁଇଦିନ ଧରି ଅଟକ ରଖିବା ସହ ବାପିଙ୍କୁ କୋର୍ଟଚାଲାଣ କରିବା ପରେ ଉଭୟଙ୍କୁ ପୋଲିସ ଛାଡ଼ିଦେଇଥିଲା। ବାପିଙ୍କ ସହ ଯଦି ଏହି ଯୁବକମାନଙ୍କ ଲିଙ୍କ ନ ଥିଲା ତେବେ କାହିଁକି ଉଭୟଙ୍କୁ ଦୁଇ ଦିନ ଅଟକ ରଖାଯାଇଥିଲା ସେ ନେଇ ଏସ୍‌ପି ରିପୋର୍ଟ ମାଗିଛନ୍ତି। ଏ ସମ୍ପର୍କରେ ଏସ୍‌ପି ମୀନା କହିଛନ୍ତି, ଘଟଣା ଏବେ ତଦନ୍ତ ପରିସର ଭୁକ୍ତ ରହିଛି। ଥାନା ଅଧିକାରୀଙ୍କୁ ରିପୋର୍ଟ ମାଗିଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଅନ୍ୟପକ୍ଷରେ କୋର୍ଟକୁ ସରକାରୀ ପିପି ମାଗିଥିବା ସାର୍ଟିଫାଏ କପି ଓ ପୋଲିସ ପ୍ରଦାନ କରିଥିବା ଅଭିଯୋଗପତ୍ର ଶୁକ୍ରବାର ଅପରାହ୍ନରେ ହସ୍ତଗତ ହୋଇଛି। ବିଳମ୍ବ ହୋଇଥିବାରୁ ସାର୍ଟିଫାଏ କପି ସହ ଅନ୍ୟ ଦସ୍ତାବିଜ ଗୁଡ଼ିକର ଅନୁଧ୍ୟାନ ଚାଲିଛି। ଶନିବାର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ବାପିଙ୍କୁ ମିଳିଥିବା ଜାମିନ୍ ଆବେଦନ ଖାରଜ ପାଇଁ ଆବେଦନ କରାଯିବ ବୋଲି ସରକାରୀ ପିପି ଦାସ ସୂଚନା ଦେଇଛନ୍ତି। ଏଥିସହିତ ପ୍ରସିକ୍ୟୁସନରେ ଅବହେଳା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଉଠା ଜଳସେଚନର ସଫଳତା ପାଇଁ ପୁରସ୍କାର



ନିର୍ବାହୀ ଯନ୍ତ୍ରୀ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଅନୁଗୋଳ ଅଫିସ୍, ୩୧।୧

ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଉଠା ଜଳସେଚନ ବିଭାଗର ସଫଳତାକୁ ନେଇ ଗୁରୁବାର ଅନୁଗୋଳ ଜିଲାକୁ ଦୁଇଟି ପୁରସ୍କାର ମିଳିଛି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରିଥିଲେ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ଡେବ୍ରିପାଲିର ୧ ନମ୍ବର ଉଠାଜଳସେଚନ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପ୍ରସାଦ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଓଡ଼ିଶାର ଶ୍ରେଷ୍ଠ ୧୦ଟି ପାଣି ପଞ୍ଚାୟତ ମଧ୍ୟରୁ କଣିହାଁ ବ୍ଲକର ବୋଲ-୨ ୧ ନମ୍ବର ମାନ୍ୟତା ହାସଲ କରିଛି। ଏହି ପାଣି ପଞ୍ଚାୟତର ସମ୍ପାଦକ ବୃନ୍ଦାବନ ନାୟକ, ଉପସଭାପତି ବିନୋଦ ପ୍ରଧାନ ଓ କୋଷାଧ୍ୟକ୍ଷ ବିଷ୍ଣୁ ଦାସ ପ୍ରମୁଖ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

## କାଙ୍ଗୁଲା ବିହାରୀ ଛକରେ ହତ୍ୟା ମାମଲା

ଅନୁଗୋଳ ଅଫିସ୍, ୩୧।୧

ଅନୁଗୋଳ ଥାନା କାଙ୍ଗୁଲା ବିହାରୀ ଛକରେ ୨୦୧୫ ମେ ୧୯ରେ ଘଟିଥିବା ମାମୁଲି ବାରିକ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଅଭିଯୁକ୍ତ ଜିତୁ ପରିଡ଼ା(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏକ ଲକ୍ଷ ଟଙ୍କା ଜରିମାନା ଦେବାକୁ ଓ ଅନାଦାୟସ୍ଥଳେ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମୃତକଙ୍କ ସ୍ତ୍ରୀଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଘଟଣାଦିନ ମାମୁଲି ଓ ଜିତୁ କାଙ୍ଗୁଲା ବିହାରୀ ଛକରେ ଥିବା ସଞ୍ଜୟ ପରିଡ଼ାଙ୍କ ଜଳଖିଆ ଦୋକାନରେ ବସିଥିଲେ। ମାମୁଲିଙ୍କ ଭାଇ ପ୍ରଦୀପ ଅନୁଗୋଳ ସହରରୁ ଅପରାହ୍ନରେ ଘରକୁ ଫେରୁଥିବାବେଳେ ସେଠାରେ ବସିବାକୁ ମାମୁଲିଙ୍କୁ ବାରଣ କରିଥିଲେ। ଏହାପରେ ଜିତୁ କିଛି ଟଙ୍କା ମାମୁଲିଙ୍କୁ ମାଗିଥିଲେ। କିନ୍ତୁ ସେ ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଜିତୁ ଦୋକାନରେ ଥିବା ଏକ ପନିକିରେ ମାମୁଲିଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଦୋକାନୀଙ୍କଠାରୁ ଖବରପାଇ ପରିବାର ଲୋକେ ମାମୁଲିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୬୦/୧୫ରେ ମାମଲା ରୁଜୁକରି ଅଭିଯୁକ୍ତ ଜିତୁଙ୍କୁ ଗିରଫ କରିଥିଲା। ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରୀ ପବ୍ଲିକ୍ ପ୍ରସିକ୍ୟୁଟର(ପିପି) ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ଧାରଣାରେ ବସିଲେ ବ୍ଲକ ଅଧିକାରୀ

## ଆବାସ ଘର ସମ୍ପୂର୍ଣ୍ଣ କରୁନାହାନ୍ତି ହିତାଧିକାରୀ

ବନ୍ତଳା, ୩୧।୧(ଡି.ଏନ.ଏ.)

ଅନୁଗୋଳ ବ୍ଲକ ଧୋକୁଟା ପଞ୍ଚାୟତରେ ୨୦୧୬-୧୭ରୁ ୨୦୧୮-୧୯ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ପାଇଥିବା ଶହେ ହିତାଧିକାରୀଙ୍କ ମଧ୍ୟରୁ ୯୦ ଜଣ ସେମାନଙ୍କ ଘର ନିର୍ମାଣ ଅସମ୍ପୂର୍ଣ୍ଣ ରଖିଛନ୍ତି। ଏ ନେଇ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଶୁକ୍ରବାର ସମ୍ପୃକ୍ତ ହିତାଧିକାରୀଙ୍କ ଘର ଆଗରେ ଧାରଣାରେ ବସିଥିଲେ। ହିତାଧିକାରୀଙ୍କୁ ବ୍ଲକ ଓ ପଞ୍ଚାୟତ ତରଫରୁ ବାରମ୍ବାର ସଚେତନ କରାଯିବା ସତ୍ତ୍ୱେ ଘର ସମ୍ପୂର୍ଣ୍ଣ କରାଯାଇ ନ ଥିବା ନେଇ ପ୍ରଶାସନିକ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତର ପାଣ ଗୋବିନ୍ଦପୁର ଗ୍ରାମରେ ୨୪ ଜଣ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରି ନ ଥିବା ଜଣାପଡିଥିଲା। ଏ ନେଇ ଶୁକ୍ରବାର ସକାଳେ ବିଡିଓ ମାୟାଧର ବେହେରା, ପ୍ରୋଗ୍ରେସ ଆସିଷ୍ଟାଣ୍ଟ ସୂତିଷ୍ମନା ମହାପାତ୍ର, ଡବ୍ଲ୍ୟୁଇଓ ମାନସ




ବ୍ଲକ ପ୍ରଶାସନ ଅଧିକାରୀମାନେ ହିତାଧିକାରୀଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

କୁମାର ଭଞ୍ଜ ଦେଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର ହୃଦାନନ୍ଦ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଣତି ମାଝି, ସତ୍ୟାନନ୍ଦ ପ୍ରଧା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୟ ନାଏକ ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ଏକ ସଚେତନତା ସଭା କରିଥିଲେ। ମାସେ ମଧ୍ୟରେ ଘର ସମ୍ପୂର୍ଣ୍ଣ ନ କଲେ ସେମାନଙ୍କ ଆଗାମୀ ପିଢି ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ବିଡିଓ କହିଥିଲେ। ଘର କରିବା ପାଇଁ ବ୍ଲକ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଏପରିକି ଯଦି କୌଣସି ବ୍ୟକ୍ତି ଘର ନିର୍ମାଣ କରିବା ପାଇଁ ଲାଞ୍ଚ ମାଗନ୍ତି ତେବେ ଅଦୌ ଟଙ୍କା ନ ଦେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ଗ୍ରାମର ମୁକ୍ତା ନାଏକ ଓ ଇନ୍ଦୁମତିଙ୍କ ଘର ସମ୍ମୁଖରେ ବିଡିଓଙ୍କ ସହିତ ଅନ୍ୟ ଅଧିକାରୀମାନେ ଧାରଣାରେ ବସିଥିଲେ। ସମ୍ପୃକ୍ତ ହିତାଧିକାରୀ ୧୫ ଦିନ ମଧ୍ୟରେ ଘର ତିଆରି ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

# ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

ବନ୍ତଳା, ୩୧।୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଅଧୀନରେ ଥିବା ବଡ଼କ୍ଷେତା ପୂର୍ତ୍ତ ବିଭାଗ ରାସ୍ତାରୁ ସାଲର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବଡକ୍ଷେତାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶ ସାଏ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ତ୍ତ ବିଭାଗର ପୂର୍ବତନ ସଚିବ ନଳିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ବିନୋଦିନୀ ପ୍ରଧାନ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାଏକ, ସହକାରୀ ଯନ୍ତ୍ରୀ ବିନୟ କୁମାର ପାଢୀ, ବେସରକାରୀ ସଂସ୍ଥାର ପ୍ରସନ୍ନ ବେହେରା ପ୍ରମୁଖ ଯୋଗ



ଦେଇଥିଲେ। ରାସ୍ତା ଫଳକ ଉନ୍ମୋଚନ ପରେ ଏକ ସଭା କରାଯାଇଥିଲା। ପରେ ୩ ଜଣ ବୃଦ୍ଧା ବିଧବା ଭତ୍ତା ପାଇ ନ ଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ସବରେ ଲୋଚନ ପ୍ରଧାନ, ବାବୁ ପଟ୍ଟନାୟକ, ମିନତୀ ପ୍ରଧାନ, ପୁରୁଣାକୋଟର ପୂର୍ବତନ ସରପଞ୍ଚ ମଳୟ ବିଶୋଇ ଓ ସମିତିସଭ୍ୟ ମଧୁ ବିଶୋଇ, ବିଦ୍ୟାଧର ସାହୁ, ସତ୍ୟ ବେହେରା, ଶରଧାପୁର ସରପଞ୍ଚ ବ୍ରହ୍ମାନନ୍ଦ ସାହୁ, ବଳଭଦ୍ର ପ୍ରଧାନ, ପ୍ରମୋଦ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସୁନୀଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୋରାଡଙ୍ଗା ଚଳଚଞ୍ଚଳ

କଣିହାଁ,୩୧।୧(ଡି.ଏନ.ଏ.)

କଣିହାଁ ବ୍ଲକ ଅଞ୍ଚଳରେ ଗୁରୁବାର ସରସ୍ୱତୀ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ସହିତ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ସରସ୍ୱତୀଙ୍କୁ ପୂଜା କରିଥିଲେ। ସେହିପରି ବଡ଼ହୀରା, ବଡ଼ଗୁଣ୍ଡୁରି ପଞ୍ଚାୟତ ଯୋରାଡଙ୍ଗା ସହିତ ଅନ୍ୟାନ୍ୟ ଗ୍ରାମରେ ପୂଜା କମିଟି ପକ୍ଷରୁ ସରସ୍ୱତୀ ପୂଜା ପାଳିତ ହୋଇଛି। ଏଥିଯୋଗୁ ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବ୍ଲକ ଲୋକକଳା ମହୋତ୍ସବ ଉଦ୍‌ଯାପିତ



ପାଲଲହଡ଼ା, ୩୧।୧(ଡି.ଏନ.ଏ.)

ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବ ପ୍ରେକ୍ଷାଳୟଠାରେ ଏକଦିବସୀୟ ବ୍ଲକ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ତହସିଲଦାର ସ୍ୱାଗତ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୭ ପଞ୍ଚାୟତରୁ ୬୭ଟି ଦଳ ନିଜର କଳା ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ବ୍ରଜବଳୀ ଦହଲା ସଂକୀର୍ତ୍ତନ ମଣ୍ଡଳୀ ପ୍ରଥମ ସ୍ଥାନ ଅଧିକାର କରି ଜିଲା ମହୋତ୍ସବରେ ଭାଗ ନେବାକୁ ମନୋନୀତ ହୋଇଛି। ଏଥିରେ ବିଡିଓ ରବିନାରାୟଣ ମାଝି ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ବିଡିଓ ଏସ୍. ଲଲାଟେନ୍ଦୁ ନୈବେଦ୍ୟ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୨୭ ପଞ୍ଚାୟତର ପ୍ରାୟ ୩୮୧ ଜଣ କଳାକାର ମଣ୍ଡଳୀର ସଦସ୍ୟ ଯୋଗ ଦେଇଥିଲେ।

# ରକ୍ତ ଦେଲେ ପୂର୍ବତନ ଏମ୍‌ପି

## ୱାରିୟର୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ଅନୁଗୋଳ ଅଫିସ୍, ୩୧।୧

ଅନୁଗୋଳ କଳାକେନ୍ଦ୍ରଠାରେ ୱାରିୟର୍ସ କ୍ଲବ ପକ୍ଷରୁ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଢେଙ୍କାନାଳ-ଅନୁଗୋଳର ପୂର୍ବତନ ଏମ୍‌ପି ତଥାଗତ ସତପଥୀ ଯୋଗଦେଇ ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପିଙ୍କୁ ଲୋକେ ସ୍ୱାଗତ କରିଥିଲେ। ଶିବିରରେ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ଅକ୍ଷୟ ସାମନ୍ତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପକ୍ଷରୁ ଶିବିର ପରିଚାଳନା କରାଯାଇଥିଲା। ଏଥିରେ ମୋଟ୍ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବ




ପୂର୍ବତନ ଏମ୍‌ପି ତଥାଗତ ସତପଥୀ ରକ୍ତଦାନ କରୁଛନ୍ତି।

ସଭାପତି ଗୁନିଲ କୁମାର ନାଏକ, ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ଉପସଭାପତି ସୁଶୀଲ କୁମାର ନାଏକ ଏବଂ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରଥିଲେ।

# ୩ ବର୍ଷ ହେଲା ଶୋଯରେ ଶମ୍ଭୁ

- ଅକ୍ଷମ କଲାଣି ଅଜଣା ରୋଗ
- ସରକାରୀ ସହାୟତା ଦାବି

ପାଲଲହଡ଼ା,୩୧।୧(ଡି.ଏନ.ଏ.)

ବଢୁଛି ରୋଗ ଯନ୍ତ୍ରଣା। ଯୁବାବସ୍ଥାରେ ବି ଉଠିବାକୁ ଦେହରେ ବଳ ନାହିଁ। ଶରୀରସାରା ଚର୍ମ ଫାଟିବା ସହ ଘା ହୋଇଗଲାଣି। ଗୋଡ ମଧ୍ୟ ଦିନକୁଦିନ ସରୁ ହୋଇଯାଉଥିବାରୁ ଶରୀର ଏକ ପ୍ରକାର ଅକ୍ଷମ ହେବାରେ ଲାଗିଛି। ଚିକିତ୍ସା ଅଭାବ ସହ ସେବା ଯତ୍ନ ପାଇଁ କେହି ନ ଥିବାରୁ ଅସହାୟ ହୋଇ ପଡିରହିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ବଡସଡ଼ା ପଞ୍ଚାୟତ କୁରୁମୁଳା ଗ୍ରାମର ଶମ୍ଭୁ ପ୍ରଧାନ(୩୩)।

ମା' ବାପାଙ୍କ ମୃତ୍ୟୁ ପରେ ଅସହାୟ ହୋଇ ପଡିଥିବା ଶମ୍ଭୁ ଦୀର୍ଘ ୩ ବର୍ଷ ହେଲା ଏକ ଅଜଣା ରୋଗରେ ଆକ୍ରାନ୍ତ। ତାଙ୍କ ଶରୀରର ଚର୍ମ ଫାଟି ଘା ହୋଇ ଦେହସାରା ମାଡ଼ି ଯାଉଛି। ଗୋଡ ଦୁଇଟି ଦିନକୁ ଦିନ ସରୁ ହୋଇଯାଉଛି। ସେବା ଯତ୍ନ କରିବାକୁ କେହି ନ ଥିବାରୁ ତାଙ୍କ ଅବସ୍ଥା ଦୟନୀୟ ହୋଇପଡିଛି। ପଡୋଶୀ ଖାଇବାକୁ ନ ଦେଲେ ପେଟରେ ଦାନା ଗଣ୍ଡେ ପଡୁନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମର ଜଣେ ସାମାଜିକ କର୍ମୀ ଶମ୍ଭୁଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ



ଜିଲା ଚିକିତ୍ସାଳୟକୁ ନେଇଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ସୁଧୁରି ନ ଥିଲା। ସେହିପରି ଘର ଖଣ୍ଡିଏ ନ ଥିବାବେଳେ ସରକାରୀ ସହାୟତା ଭାବେ ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ୫ ଶହ ଟଙ୍କା ସମୁଦ୍ରକୁ ଶଙ୍ଖେ ପରି। ଯଦି ପ୍ରଶାସନ ସହାୟତାର ହାତ ବଢ଼ାନ୍ତା ତା'ହେଲେ ହୁଏତ ଶମ୍ଭୁ ଭଲ ହୋଇପାରନ୍ତେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକ କୁହନ୍ତି, ଏଭଳି ରୋଗ ଭଲ ହେବା ପାଇଁ ଦୀର୍ଘ ଦିନ ଧରି ଚିକିତ୍ସାର ଆବଶ୍ୟକତା ରହିଛି। ଯଦି କେହି ସାମାଜିକର୍ମୀ କିମ୍ବା ସଙ୍ଗଠନ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାନ୍ତେ ତେବେ ତାଙ୍କ ଚିକିତ୍ସା କରାଯାଇପାରନ୍ତା। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ନାୟକ କହିଛନ୍ତି, ମଧୁବାବୁ ପେନସନ ଯୋଜନାରେ ଶମ୍ଭୁ ୫୦୦ ଟଙ୍କା ପାଉଛନ୍ତି। ଖୁବଶୀଘ୍ର ତାଙ୍କୁ ବିକଳାଙ୍ଗ ଭତ୍ତା ବାବଦକୁ ଆଉ ୨୦୦ ଟଙ୍କା ପ୍ରଦାନ କରାଯିବ। ବିଡିଓ ରବି ନାରାୟଣ ମାଝି କୁହନ୍ତି, ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଏବେ ଏହି ଘଟଣା ନଜରକୁ ଆସିଛି। ସରକାରୀ ସ୍ତରରେ ଯାହା ସୁବିଧା ଯୋଗାଯାଇପାରିବ ତାହା ତୁରନ୍ତ ପ୍ରଦାନ କରାଯିବ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କିଟ୍ ପ୍ରଦାନ

ରାସୋଳ, ୩୧।୧(ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କୁ ବିଜ୍ଞାନମନସ୍କ କରାଇବା ଉଦ୍ଦେଶ୍ୟରେ ହିନ୍ଦୋଳ ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି ୟୁଏସ୍‌ଏର ମିଳିତ ସହଯୋଗରେ ବିଜ୍ଞାନ କିଟ୍ ପ୍ରଦାନ କରାଯାଇଛି। ଏହି କିଟ୍‌କୁ ଉପଯୋଗ କରି ୧୮୦ ପ୍ରକାର ପରୀକ୍ଷା କରାଯାଇପାରିବ। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଇଁ ବିଜ୍ଞାନ ବିଷୟ ଅଧିକ ସହଜ ହୋଇପାରିବ। ମୁଖ୍ୟଅତିଥି ଭାବେ ବିଇଓ ଶାନ୍ତନୁ ମଲ୍ଲିକ, ସମ୍ମାନିତ ଅତିଥି ଏବିଇଓ ନଳିନୀକାନ୍ତ ମିଶ୍ର, ପ୍ରକାଶ ପ୍ରଧାନ, କେନ୍ଦ୍ରୀୟ ସାଧନ କେନ୍ଦ୍ର ସଂଯୋଜକ ଆନନ୍ଦ ମାଝି, ନରୋତ୍ତମ ନାଏକ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। କିଟ୍‌ର ସଦୁପଯୋଗ କରିବାକୁ ଉପସ୍ଥିତ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳ, ଇଣ୍ଡିଆ ଲିଟେରାସୀ ପ୍ରୋଜେକ୍ଟର ବିଜ୍ଞାନ ସଂଯୋଜକ କିଟ୍ ବଣ୍ଟନର ଉଦ୍ଦେଶ୍ୟ କହିଥିଲେ। କିଟ୍ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୩୬ ହାଇସ୍କୁଲ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କିଟ୍ ପ୍ରଦାନ କରାଯାଇଛି। କର୍ମୀ ମରୁତ ସାହୁ, କାହ୍ନୁଚରଣ ପାଳ, ଦିବାକର ମିଶ୍ର, ବିନାୟକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରକୃତି ସହ ସମନ୍ୱୟ ବିପର୍ଯ୍ୟୟରୁ ରକ୍ଷା କରିବ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ଏନ୍‌ଜିଓ ସମନ୍ୱୟ ବୈଠକ
- ସହଯୋଗ ଲୋଡ଼ିଲେ ଜିଲାପାଳ
- କର୍ମକର୍ତ୍ତାଙ୍କୁ ଦିଆଯିବ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୩୧।୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅପରାହ୍ନରେ ଜିଲାସ୍ତରୀୟ ଏନ୍‌ଜିଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି କହିଲେ, ବିପର୍ଯ୍ୟୟର ମୁକାବିଲା ଲାଗି ଏନ୍‌ଜିଓଙ୍କୁ ସାମିଲ କରାଯିବ। ସଚେତନ ହେବା ସହ ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିଲେ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ମିଳିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଏଥିସହ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ପ୍ରଶାସନ ସହ ସହଭାଗୀ ହୋଇ କାମ କରିବାକୁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ କହିଲେ, ଉପସ୍ଥିତ ଏନ୍‌ଜିଓ ପ୍ରତିନିଧିମାନେ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଏନ୍‌ଜିଓ କର୍ମକର୍ତ୍ତାଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ। ପ୍ରାରମ୍ଭରେ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପିଜିସେଲ ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ପାୱାର ପଏଣ୍ଟ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ବୁଝାଇଥିଲେ।

# ଗାନ୍ଧୀ ଥିଲେ ଅହିଂସାର ପୂଜାରୀ



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଫୋରମ୍‌ର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୩୧।୧**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ତରଫରୁ ଗୁରୁବାର ଶହୀଦ ଦିବସ ପାଳିତ ହୋଇଯାଇଛି। ନଗର ସଭାପତି ରୁଦ୍ରପ୍ରକାଶ ଶରଣଙ୍କ ନେତୃତ୍ୱରେ ଫୋରମ୍‌ର ସମସ୍ତ ସଦସ୍ୟ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଗାନ୍ଧିଜୀ ସତ୍ୟ ଓ ଅହିଂସାର ପୂଜାରୀ ଥିଲେ ବୋଲି ଜିଲା ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ଦାସ ମତବ୍ୟକ୍ତ କରିଥିଲେ। ଜିଲା ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଜିଲା ସଂଯୋଜିକା ପ୍ରଭାତୀ ମହାପାତ୍ର, ନଗର ଉପସଭାପତି ରୁଦ୍ରମାଧବ ମହାପାତ୍ର, ଚକ୍ରଧର ତରାଇ, ନଗର କମିଟି ସଭ୍ୟ ଅଜୟ ମିଶ୍ର, ରଞ୍ଜିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ପଙ୍କଜ ନାୟକ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ସୁରକ୍ଷା ଉପରେ ସଚେତନତା


ଜଙ୍ଗଲ ସୁରକ୍ଷା ସଚେତନତା ଶିବିରରେ ବନ କର୍ମଚାରୀଙ୍କ ସମେତ ଗ୍ରାମବାସୀ।

**ଛେଣ୍ଡିପଦା,୩୧।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ କୋଶଳା ଗ୍ରାମ ପଥରନାଳସ୍ଥିତ ଗିରି ଗୋବର୍ଦ୍ଧନ ଠାକୁର ଓ ମା' ବନବାସିନୀ ଠାକୁରାଣୀଙ୍କ ପୀଠ ସ୍ଥଳରେ ବୁଧବାର ଛେଣ୍ଡିପଦା ବନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜୀବଜନ୍ତୁଙ୍କ ସୁରକ୍ଷା, ମୃତ୍ତିକା ଓ ଜଳ ସଂରକ୍ଷଣ ଆଦି ଉପରେ ଉପସ୍ଥିତ ବନ କର୍ମଚାରୀମାନେ ଆଲୋକପାତ କରିଥିଲେ। ଶିବିରରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ଫରେଷ୍ଟର ପ୍ରତାପ କେଶରୀ ପ୍ରଧାନ, କଳାକାର ପ୍ରଧାନ, ପ୍ରୀତିରେଖା ଦେହୁରୀ, ପରିବେଶବିତ ଦିଲୀପ କୁମାର ସାହୁ, ଅଜିତ ଧଳ, ଜଙ୍ଗଲ କମିଟିର କର୍ମକର୍ତ୍ତା ତଥା ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। କୋଶଳା ସେକ୍ସନର ଫରେଷ୍ଟର ଦୀପକ କୁମାର ସେଠୀ,ଗାର୍ଡ ଗୀତାଞ୍ଜଳି ସାହୁ ଓ ସିତୁ ବେହେରାଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା।

# ୧୦୯ ଖଡ଼ିଆ ପରିବାରକୁ କମ୍ବଳ ବଣ୍ଟନ

**ଠାକୁରମୁଣ୍ଡା,୩୧।୧(ଡ଼ି.ଏନ୍.ଏ.)**

ଶିମିଳିପାଳ ଅଭୟାରଣ୍ୟର ଯଶିପୁର ବ୍ଲକ ଅଧୀନ ଗୁଡୁଗୁଡିଆ ରେଞ୍ଜ ଖଜୁରୀ ଅଞ୍ଚଳରୁ ଭିଟାମାଟି ଛାଡି ବନବିଭାଗ ସହାୟତାରେ ଠାକୁରମୁଣ୍ଡା ବ୍ଲକ ସାଲେଇବେଡାଠାରେ ଗତ ୨୪ ତାରିଖଠାରୁ ଆଶ୍ରୟ ନେଇଥିବା ୧୦୯ ଖଡ଼ିଆ ଜନଜାତି ପରିବାରର ୨୭୨ ଜଣଙ୍କୁ ଶୁକ୍ରବାର ଠାକୁରମୁଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ କମ୍ବଳ ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କମ୍ବଳ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ନରେନ୍ଦ୍ର ପୂର୍ତ୍ତି, ସାଲେଇବେଡା ସରପଞ୍ଚ ସୁକଲାଲ ପଳେୟା, ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର, ବ୍ୟାଙ୍କ କର୍ମଚାରୀ ଆନନ୍ଦ ଚନ୍ଦ୍ର ଗିରି, ହରିଶ ମୁର୍ମୁ, ଶରତ ତ୍ରିପାଠୀ ତଥା ବନବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ।

# ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ବଅଁରପାଳ,୩୧।୧ (ଡି.ଏନ୍.ଏ.)**

ଅନୁଗୋଳ ତୁରଙ୍ଗସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ଧରଣୀଧର ନାଥ ଯୋଗଦେଇ ଚାପମୁକ୍ତ ଶିକ୍ଷା ଓ ମା' ବାପାଙ୍କ ଭୂମିକା ସମ୍ପର୍କରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋଶଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ୨୬ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କୁଣ୍ଡେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ

**ହିନ୍ଦୋଳ, ୩୧।୧(ଡି.ଏନ.ଏ.)**



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ହିନ୍ଦୋଳ ବ୍ଲକ ହାତୁରା ପଞ୍ଚାୟତସ୍ଥିତ କୁଣ୍ଡେଶ୍ୱର ଗୁରୁକୁଳାଶ୍ରମ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଅଦ୍ୱୈତ କୁମାର ପୁହାଣ, ମୁଖ୍ୟବକ୍ତା ଆଇନଜୀବୀ ମହୁର ବେହେରା ଏବଂ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବିଦ୍ୟାଳୟ ପରିଦର୍ଶକ ବୈଷ୍ଣବ ଚରଣ ଦାସ, କ୍ଲଷ୍ଟର ସଂଯୋଜକ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କଠୋର ଅଧ୍ୟବସାୟ, ଗଭୀର ନିଷ୍ଠା ଏବଂ ଉତ୍ତମ ଚରିତ୍ର ବଳରେ ଛାତ୍ରୀଛାତ୍ରମାନେ ସୁନାଗରିକ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଯାପିତ

**କାମାକ୍ଷାନଗର, ୩୧।୧(ଡି.ଏନ.ଏ.)**



ଶୀତ ଶିବିରରେ ଯୋଗ ଦେଇଥିବା ଶିବରାର୍ଥୀମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆସ୍ଥିତ ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଶୀତ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଯୋଗ, ସଫେଇ, ପ୍ଲାଷ୍ଟିକ ମୁକ୍ତ ପରିବେଶ, ବିଭିନ୍ନ ଜାତୀୟ ଦିବସ ସମ୍ପର୍କରେ ସଚେତନ କରାଯାଇଥିଲା।

ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ମାଝି, ଡା. ଦିବ୍ୟରଞ୍ଜନ ସେଠୀ, ନମିତା ତ୍ରିପାଠୀ, ଦିଲୀପ କୁମାର ଓଝା ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ବହୁ ବନ୍ୟପ୍ରାଣୀ ସୁରକ୍ଷା, ସ୍ୱାସ୍ଥ୍ୟସେବା, ଘରକରଣା ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ନେତାଜୀ ଜୟନ୍ତୀରେ ଡ. ପ୍ରଫୁଲ୍ଲ କୁମାର ପାଣି ପିଲାଙ୍କୁ ଦେଶସେବାର ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ପୀତବାସ ମହାରଣା, ରଶ୍ମିରଞ୍ଜନ ଦାଶ, ଅଧ୍ୟାପକ ବିଭୁଧେନ୍ଦୁ ପ୍ରଧାନ, ବିନୋଦିନୀ ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଚନ୍ଦନ କୁମାର ସାହୁ, ଦେବରାଜ ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ମଠକରଗୋଳା କଲେଜରେ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୪ ଜଣ ଶିବିରାର୍ଥୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁରେନ୍ଦ୍ର କୁମାର ସିଂ, ଶ୍ରୀଲେଖା ରାୟ ଶିବିର ପରିଚାଳନା କରିଥିଲେ।

## ଫଟୋରେ ଖବର


ଢେଙ୍କାନାଳ ହିନ୍ଦୋଳ ଉପଖଣ୍ଡ ଗାଲପଡାସ୍ଥିତ ବାବା ସିଦ୍ଧେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଉପଲକ୍ଷେ ଲିଙ୍ଗରା ଜୋରରୁ କଳସ ଶୋଭାଯାତ୍ରାରେ ପାଣି ଅଣାଯାଉଛି।


ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀମନ୍ଦିର ପରିସରରେ ମହାତ୍ମା ଗାନ୍ଧୀଙ୍କ ୭୨ତମ ତିରୋଧାନ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ।


ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲାଗି ଶୁକ୍ରବାର ଏକ ମାଙ୍କଡ଼ର ମୃତ୍ୟୁ ଘଟିଛି। ମୃତ ମାଙ୍କଡ଼କୁ ବାହାର କରାଯାଇ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

**ସଂକ୍ଷେପରେ**

## ମରଣାନ୍ତକ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ଭଦ୍ରକ ଅଫିସ, ୩୧।୧**

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଶୁକ୍ରବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ତିହିଡ଼ି ଥାନା ଅଧୀନ ଦୁତେଇବିନ୍ଧା ଗାଁର ରତିକାନ୍ତ ସେନାପତି ଓ ତାଙ୍କ ମା' ଶାନ୍ତିଲତା ସେନାପତି ପଡ଼ୋଶୀ ତ୍ରିଲୋଚନ ସେନାପତିଙ୍କୁ ୨୦୦୩ ନଭେମ୍ବର ୧୩ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ତ୍ରିଲୋଚନଙ୍କ ପୁଅ ବିଭୂତି ଭୂଷଣ ସେନାପତିଙ୍କ ଏତଲାକୁ ଭିତ୍ତିକରି ତିହିଡ଼ି ଥାନାରେ ଏକ ମାମଲା (ନଂ.୧୭୦/୩) ରୁଜୁ କରାଯାଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଶାନ୍ତିଲତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ରତିକାନ୍ତଙ୍କୁ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଆଦେଶ ରହିଛି। ଆଡିସନାଲ ପବ୍ଲିକ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

## ବୈଦ୍ୟକାଟେଣୀ ପାଣି ପଞ୍ଚାୟତ ସମ୍ମାନିତ



**ଢେଙ୍କାନାଳ ଅଫିସ, ୩୧।୧:** ସେଚ କ୍ଷେତ୍ରରେ ଜଳର ସୁଷମବଣ୍ଟନ, ସଦୁପଯୋଗ, କେନାଲ ରକ୍ଷଣାବେକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ସମ୍ମାନିତ ହୋଇଛି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବୈଦ୍ୟକାଟେଣୀ ପାଣି ପଞ୍ଚାୟତ (ଟଙ୍କବନ୍ଧ)। ଜଳ ସମ୍ପଦ ବିଭାଗ ପକ୍ଷରୁ ଗୁରୁବାର ଓୟୁଏଟି ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ବୈଦ୍ୟକାଟେଣୀ ପାଣି ପଞ୍ଚାୟତ ଟଙ୍କବନ୍ଧକୁ ସମ୍ମାନିତ କରାଯାଇଛି। ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଓୟୁଏଟି କୁଳପତି ଡା. ପୱନ ଅଗ୍ରୱାଲ ପ୍ରମୁଖ ପାଣି ପଞ୍ଚାୟତ ସଭାପତି ଟଙ୍କଧର ବାରିକଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ସହ, ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, କନିଷ୍ଠଯନ୍ତ୍ରୀ ସୁଶାନ୍ତ କୁମାର ପାଲ, ଅଗ୍ରଣୀ ଚାଷୀ ଅଭିମନ୍ୟୁ ମହାଳିକ, ତ୍ରୈଲୋକ୍ୟ କୁମାର ସେଠୀ, ମଳୟ ସାହୁ, ଶ୍ରୀକାନ୍ତ ମଳିକ, ବୈରାଗୀ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସୂର୍ଯ୍ୟମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଠାମକା ଚାଷୀଙ୍କ ମନ ପିତା



**(ସୁଧୀର ପରିଡ଼ା)**
**କାମାକ୍ଷାନଗର, ୩୧।୧**

- ଆଦର ଅଛି, ବଜାର ନାହିଁ
- ରାସ୍ତା କଡ଼ରେ ବିକୁଛନ୍ତି
- ମିଳୁନି କୃଷି ବିଭାଗର ସହଯୋଗ

ବଢୁଛି ମିଠା ମକା (ସୁଇଟ୍ କର୍ନ)ର ଆଦର। ପୌଷ୍ଟିକତତ୍ତ୍ୱରେ ଭରପୂର ହୋଇଥିବାରୁ ଏହା ପାଲଟିଛି ସମସ୍ତଙ୍କ ପସନ୍ଦ। ସାଧାରଣ ମକା ଚାଷଠାରୁ ଅଧିକ ଖର୍ଚ୍ଚ ହେଉଥିଲେ ହେଁ ଚାହିଦା ଥିବାରୁ ସୁଇଟକର୍ନ ଉପରେ ବେଶି ଫୋକସ୍ କରୁଛନ୍ତି ଚାଷୀ। କାମାକ୍ଷାନଗର ବ୍ଲକ ଆଲୁଅଝରଣ ପାଲଟିଛି ଢେଙ୍କାନାଳ ଜିଲା ସୁଇଟ୍‌କର୍ନ ହବ୍। ଅଞ୍ଚଳର ଶତାଧିକ ଚାଷୀଙ୍କୁ ଉପାର୍ଜନକ୍ଷମ କରାଇଛି ଏହି ଚାଷ। ସେମାନେ ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ। ହେଲେ ଆବଶ୍ୟକ ଜ୍ଞାନ କୌଶଳ, ବଜାର ଅଭାବ ସାଙ୍ଗକୁ ହାତୀ ଉପଦ୍ରବରେ ସତେଯେମିତି ପିତା ହୋଇଯାଉଛି ମିଠାମକା ଚାଷୀଙ୍କ ମନ।

ମକା ଚାଷ ପାଇଁ ଢେଙ୍କାନାଳ ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କାମାକ୍ଷାନଗର। ଆଲୁଅଝରଣ, କଦଳୀପାଳ, ସୋଗର, ମରିଚାକଣ ଏବଂ ବିଜାଡ଼ିହ ଅଞ୍ଚଳର ଚାଷୀ ୭ବର୍ଷ ହେବ ମକା ଚାଷ କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଆନ୍ଧ୍ରପ୍ରଦେଶ ଭଳି ପାରମ୍ପରିକ ଚାଷଠାରୁ ଦୂରେଇ ରହି ଦୁଇବର୍ଷ ହେଲା ସୁଇଟ୍‌କର୍ନରେ ସେମାନେ ପରଖୁଛନ୍ତି ନିଜର ଭାଗ୍ୟ।

ପ୍ରଥମେ ଆଲୁଅଝରଣ ଅଞ୍ଚଳରେ ଆରମ୍ଭ ହୋଇଥିଲା ସୁଇଟ୍‌କର୍ନ। ଧୀରେ ଧୀରେ ଏହାକୁ ଅନୁକରଣ କରିଥିଲେ ଅନ୍ୟମାନେ। ତେବେ ପ୍ରସ୍ତାବିତ ଓଟିପିସିଏଲ୍ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ପରେ କଦଳୀପାଳ, ମରିଚାକଣ ଅଞ୍ଚଳରେ ମକାଚାଷ ପ୍ରଭାବିତ ହୋଇଛି। ଆଲୁଝରଣ, ବିଜାଡ଼ିହ ଗ୍ରାମରେ ୩୦୦ ଏକର ଜମିରେ ବର୍ଷତମାମ ମକାଚାଷ ହେଉଥିବାବେଳେ ସିଂହଭାଗ ଚାଷୀ ଉତ୍ପାଦନ କରୁଛନ୍ତି ମିଠା ମକା।

ଚାଷୀଙ୍କ କହିବା କଥା, ଉଭୟ ଖରିଫ୍ ଏବଂ ରବି ଋତୁରେ ମକାଚାଷ ହେଉଛି। ଖରିଫ୍ ମକାଚାଷ ସେପ୍ଟେମ୍ବରରେ ଅମଳ ହୋଇଥାଏ। ସେହିପରି ନଭେମ୍ବରରୁ ଆରମ୍ଭ ହେଉଥିବା ରବିମକା ଜାନୁୟାରୀ ବେଳକୁ ଅମଳକ୍ଷମ ହୁଏ। ଖରାଦିନେ ସାଧାରଣ ମକା ଚାଷ କରାଯାଉଥିବାବେଳେ ସୁଇଟ୍‌କର୍ନ ପାଇଁ ଶୀତଦିନ ବେଶ୍ ଅନୁକୂଳ ସାବ୍ୟସ୍ତ ହୋଇଛି। ଉଭୟ ମକା ଚାଷ ପ୍ରଣାଳୀ ପ୍ରାୟ ସମାନ। ମିଠା ମକାର ମଞ୍ଜି ସାଧାରଣ ମକା ମଞ୍ଜି ଦରଠାରୁ ୧୦ଗୁଣା ବେଶି। ଗୋଟିଏ ଏକର ଜମିରେ ୩ରୁ ୪ କେଜି ମଞ୍ଜି ଆବଶ୍ୟକ। ସେହିପରି ଖତସାର ଏବଂ ଶ୍ରମିକଙ୍କ ମଜୁରି ବାବଦକୁ ହାରାହାରି ଖର୍ଚ୍ଚ ୧୦ ହଜାର ଯାଏ ପଡୁଛି। ମିଠା ମକା ଚାଷ ପାଇଁ ହାରାହାରି ୨୫ ହଜାର ଟଙ୍କା ଯାଏ ଖର୍ଚ୍ଚ ହେଉଥିବାବେଳେ ଚାଷୀ ୪୦ରୁ ୪୫ହଜାର ଟଙ୍କା ଲାଭ ପାଇଥାନ୍ତି। ହେଲେ ସାଧାରଣ ମକାରେ ଲାଭ ୧୫ରୁ ୨୦ ହଜାର ଟଙ୍କା ମଧ୍ୟରେ ସୀମିତ।

ଯଦିଓ ମକାଚାଷ ଲାଗି ଚାଷୀଙ୍କ ଭିତରେ ଆଗ୍ରହ ରହିଛି, ତେବେ ଫସଲ ଅମଳ ପରେ ବିକିବା ପାଇଁ ସ୍ୱତନ୍ତ୍ର ବଜାର ସୁବିଧା ନାହିଁ। ଚାଷୀଙ୍କୁ ଅସହାୟ ଅବସ୍ଥାରେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତା ପାର୍ଶ୍ୱରେ ବସି ମକା ବିକିବାକୁ ପଡୁଛି। ସ୍ଥଳବିଶେଷରେ କଟକ, ରାଉରକେଲା, ସମ୍ବଲପୁର, ଭୁବନେଶ୍ୱରରୁ ବେପାରୀ ଆସି ମକା ଖରିଦ କରିଥାନ୍ତି। ତେଣୁ ଲାଭ କମିଯାଉଛି। ଅଧିକ ଜ୍ଞାନ କୌଶଳ ଏବଂ ବଜାର ସୁବିଧା ମିଳିଲେ କାମାକ୍ଷାନଗରର ମିଠାମକାର ସ୍ୱାଦ ସାରା ରାଜ୍ୟବାସୀ ପାଇପାରିବେ ବୋଲି ଅଞ୍ଚଳର ଚାଷୀ ମତ ଦେଇଛନ୍ତି।

### ସବୁ ଚାଷୀଙ୍କୁ ବିହନ ଦେବା ଅସମ୍ଭବ

ଆତ୍ମା ସହଯୋଗରେ ଚାଷୀଙ୍କୁ ପର୍ଯ୍ୟାୟକ୍ରମେ ବିହନ ଏବଂ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଛି। ଯେତିକି ବିହନ ଆସୁଛି ସବୁ ଚାଷୀଙ୍କୁ ଦେବା ଅସମ୍ଭବ। ବିଗତ ବର୍ଷ ବିହନ ପାଇ ନ ଥିବା ଚାଷୀଙ୍କୁ ଚଳିତବର୍ଷ ଦିଆଯାଇଛି। ଅଞ୍ଚଳର ଜଳବାୟୁ ମକାଚାଷ ପାଇଁ ଉପଯୋଗୀ। ସୁଇଟ୍‌କର୍ନର ଚାହିଦା ଥିବାରୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି।

**–ସନ୍ତୋଷ କୁମାର ତରେଇ, ସହକାରୀ କୃଷି ଅଧିକାରୀ**

### ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇଛି



ମକାଚାଷ ପାଇଁ ଅଞ୍ଚଳର ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇଛି। ଭଲ ଦି ପଇସା ଲାଭ ବି ହେଉଛି। ହେଲେ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। କୃଷି ବିଭାଗ ଅଧିକାରୀ ପ୍ରକୃତ ଚାଷୀଙ୍କ ପାଖରେ ନ ପହଞ୍ଚି ଦଲାଲଙ୍କ ପାଖରେ ପହଞ୍ଚୁଛନ୍ତି। ସରକାରୀ ସୁବିଧା, ଜ୍ଞାନକୌଶଳ ମିଳିଲେ ଅଧିକ ଉତ୍ପାଦନ ହୋଇପାରିବ।

**–ଡମ୍ବରୁଧର ପରିଡ଼ା, ଚାଷୀ**

### ଦୁଃଖ ଦେଉଛି ହାତୀ ଉପଦ୍ରବ



ମକା ଫସଲର ପ୍ରମୁଖ ଶତ୍ରୁ ପାଲଟିଛନ୍ତି ହାତୀ। ମିଠା ମକା ଚାଷ ଯେତିକି ଖୁସି ଦେଉଛି ସେତିକି ଦୁଃଖ ଦେଉଛି ହାତୀ ଉପଦ୍ରବ। ଅମଳ ସମୟରେ ହାତୀପଲ ଜମିରେ ପଶି ବ୍ୟାପକ ଚାଷ ନଷ୍ଟ କରିଦେଉଛନ୍ତି। ତେଣୁ ଇଚ୍ଛା ଥିଲେ ବି ଅଧିକ ଚାଷ କରିବାକୁ ମନ ହେଉନାହିଁ। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଲେ ମକାଚାଷୀ ଉପକୃତ ହୋଇପାରନ୍ତେ।

**–ସନ୍ତୋଷ ବେହେରା, ଚାଷୀ**

### କୃଷି ଅଧିକାରୀଙ୍କ ଦେଖା ମିଳୁନି



କେତେଜଣ ଚାଷୀ ଅଞ୍ଚଳରେ ପ୍ରଥମେ ମକା ଚାଷ ଆରମ୍ଭ କରିଥିଲେ। ପ୍ରଥମେ ସରକାରୀସ୍ତରରେ ସହଯୋଗ ମିଳିଲା। ବାହାର ରାଜ୍ୟକୁ ଯାଇ ମକା ଖେତ ବୁଲି ଅନେକ କଥା ଜାଣିବାକୁ ପାଇଲୁ। ହେଲେ ସରକାର ସେତିକିରେ ରହିଗଲେ। ଚାଷୀଙ୍କ ପାଇଁ ସାର, ବିହନ ସବୁ ଆସୁଛି। ହେଲେ କୃଷି ଅଧିକାରୀଙ୍କ ଦେଖା ମିଳୁନାହିଁ। ତେଣୁ ଚାଷୀ ଏବଂ ଚାଷର ଉନ୍ନତି ହୋଇପାରୁନାହିଁ।

**–ରୋହିତ ପାତ୍ର, ଚାଷୀ**

### ବାଧୁଛି ସରକାରୀ ଉଦାସୀନତା



ଚାକିରି କରି ଚାକର ହେବା ଅପେକ୍ଷା ନିଜ ଜମିରେ ଚାଷ କରି ରୋଜଗାରକ୍ଷମ ହୋଇପାରିଥିବାରୁ ଆତ୍ମସନ୍ତୋଷ ମିଳୁଛି। ଚଳିତବର୍ଷ ୪ ଏକର ଜମିରେ ମକାଚାଷ କରିଛି। ମକା ଫସଲକୁ ହାତୀ ଦାଉ ସାଧୁଛନ୍ତି। ସରକାରୀ ଉଦାସୀନତା ବେଶି ବାଧୁଛି। ତେଣୁ ଇଚ୍ଛା ଥିଲେ ବି ଅନେକ ଚାଷୀ ମକାଚାଷରୁ ମୁହଁଫେରାଇ ନେବାକୁ ବାଧ୍ୟ ହେଉଛନ୍ତି।

**–ବିକ୍ରମ ଖୁଣ୍ଟିଆ, ଚାଷୀ**

# କେନ୍ଦ୍ର ମାନବ ସମ୍ବଳ ବିକାଶ ଯୁଗ୍ମ ସଚିବଙ୍କ ସମୀକ୍ଷା



ଦୁଇ ସଚିବ ଏକ ସ୍କୁଲରେ ଆଲୋଚନା କରୁଛନ୍ତି।

- ଭିତ୍ତିଭୂମି, ମଧ୍ୟାହ୍ନଭୋଜନ ବ୍ୟବସ୍ଥା ପରଖିଲେ
- ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ,୩୧।୧**

କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗର ଯୁଗ୍ମ ସଚିବ ସଚିନ୍ ସିହ୍ନା ଏବଂ ରାଜ୍ୟ ସମଗ୍ର ଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଶୁକ୍ରବାର ଢେଙ୍କାନାଳ ଜିଲା ଗସ୍ତ କରି ବିଭିନ୍ନ ସରକାରୀ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଉଭୟେ ଗୁଣାତ୍ମକ ଶିକ୍ଷାର ସମୀକ୍ଷା କରିବା ସହ ବିଦ୍ୟାଳୟର ଭିତ୍ତିଭୂମି ପରଖିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଅର୍ଥର ସୁବିନିଯୋଗ, ମଧ୍ୟାହ୍ନଭୋଜନ ବ୍ୟବସ୍ଥାର ତଦାରଖ କରିଥିଲେ।

ଉଭୟ ସଚିବ କଙ୍କଡ଼ାହାଡ଼ ବ୍ଲକର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଡଙ୍ଗାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସଦର ବ୍ଲକର ସପ୍ତଶଯ୍ୟା ହାଇସ୍କୁଲ, ମହୁଲି ଉପ୍ରା ବିଦ୍ୟାଳୟ ସମେତ ବିଭିନ୍ନ ହାଇସ୍କୁଲ ଏବଂ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଯତ୍ନବାନ ହେବା, ସ୍କୁଲ ପରିବେଶକୁ ସ୍ୱଚ୍ଛ ରଖିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସଚିବଙ୍କ ଗସ୍ତ ସମୟରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ସ୍ଥାନୀୟ ସର୍କିଟ ହାଉସରେ ଉଭୟ ଅଧିକାରୀ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ସହ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

# ମହୁଲଖୋଳି, ଦାମୋଦରନାଳୀ ବିଜୟୀ



ଅତିଥି ନଡ଼ିଆ ଭାଙ୍ଗି ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୧।୧**

ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ମହୁଲଖୋଳି ଗ୍ରାମ ଖେଳପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୦ମ ପ୍ରିୟବ୍ରତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜାନ୍ଦାପଶିକୁ ହରାଇ ମହୁଲଖୋଳି କ୍ରିକେଟ କ୍ଲବ ଏବଂ ଗୋପାଳପୁର ଦଳକୁ ହରାଇ ଦାମୋଦରନାଳୀ କ୍ରିକେଟ କ୍ଲବ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଜୟୀ ଦଳର ଅଞ୍ଜୁପ ନାୟକ ଓ ରାଇମୋହନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସରପଞ୍ଚ ସାଗରିକା ସାହୁ, ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ରର ଜିଲା ସଂଯୋଜକ ବିମଳ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାୟାଧର ନାୟକ ଓ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଆୟୋଜକ ଗୋପବନ୍ଧୁ ବେହେରା, କୋଚ୍ ବନମାଳୀ ଦେହୁରୀ, ଟିମ ମ୍ୟାନେଜର ଦିଲୀପ ବେହେରା, ଆଲୋକ ମହାଭୋଇ, ଅଭିରାମ ବେହେରା, ମାନସ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ମାତୃ ସମ୍ମିଳନୀ, ଝୋଟି ପ୍ରତିଯୋଗିତା



ଅତିଥିଙ୍କ ସହ ଝୋଟି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନେ।

**ପରଜଙ୍ଗ, ୩୧।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ମାତୃ ସମ୍ମିଳନୀ ଏବଂ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତା ଉପସଭାନେତ୍ରୀ ସଂଯୁକ୍ତା ସାମଲ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟା ମୋନିକା ବାଈ ମଞ୍ଚାସୀନ ଥିଲେ। ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତିରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ଦେହୁରୀ ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଝୋଟି ପ୍ରତିଯୋଗିତାରେ ୩୦ଜଣ ମା' ଯୋଗଦେଇଥିଲେ। ମମତା ଦଳବେହେରା ପ୍ରଥମ, ରୀତାଞ୍ଜଳି ଦାସ ଦ୍ୱିତୀୟ ଏବଂ ସୁପ୍ରିୟା ଭୂତିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ମିଳନୀରେ ଶତାଧିକ ମା' ଯୋଗଦେଇଥିବାବେଳେ ଶିଶୁମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଏଥିରେ ସହଯୋଗ କରିଥିଲେ।

# ବିପିସିଏଲ୍ ତେଲ ଡିପୋ ପାଇଁ ଗ୍ରାମସଭା

**ଓଡ଼ାପଡ଼ା, ୩୧।୧(ଡି.ଏନ.ଏ.)**



ଗ୍ରାମସଭାରେ ଲୋକଙ୍କ ମତାମତ ଲୋଡ଼ାଯାଉଛି।

- ୬୫.୩୬ ଏକର ଜମିରେ ନିର୍ମାଣ ହେବ ପ୍ରକଳ୍ପ
- ୫.୧୭ ଏକର ଜଙ୍ଗଲ ଜମିର ହେବ କିସମ ପରିବର୍ତ୍ତନ
- ପ୍ରକଳ୍ପ ସପକ୍ଷ,ବିପକ୍ଷରେ ମତ ରଖିଲେ ଲୋକେ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ତେନ୍ତୁଳିଆପଡ଼ା ଏବଂ ରସାସିଂହ ଅଞ୍ଚଳରେ ପ୍ରସ୍ତାବିତ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ର ତେଲ ଡିପୋ ପାଇଁ ଶୁକ୍ରବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ୬୫.୩୬ ଏକର ଜମିରେ ପ୍ରକଳ୍ପ ନିର୍ମାଣ ହେବ। ଏଥିଲାଗି ୫.୧୭ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯିବ। ଏହାକୁ ନେଇ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କେତେଜଣ ଗ୍ରାମବାସୀ ପ୍ରକଳ୍ପକୁ ସମର୍ଥନ କରିଥିବାବେଳେ ଅନ୍ୟ କେତେଜଣ ବିରୋଧରେ ମତ ରଖିଥିଲେ।

ପ୍ରଥମେ ତେନ୍ତୁଳିଆପଡ଼ା ଗ୍ରାମ ମଙ୍ଗଳା ମନ୍ଦିର ନିକଟରେ ୫ନଂ. ୱାର୍ଡମେମ୍ବର ସ୍ନେହଲତା ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲେ। ଗ୍ରାମର ୪.୮୫ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି କମ୍ପାନୀକୁ ଦେବା ପାଇଁ ସଭାରେ ଉପସ୍ଥିତ ଲୋକଙ୍କ ମତାମତ ଗ୍ରହଣ କରାଯାଇଥିଲା। ଉପଯୁକ୍ତ କ୍ଷତିପୂରଣ ସହ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ କମ୍ପାନୀକୁ ଜମି ଦେବାକୁ ସଭାରେ ଉପସ୍ଥିତ କେତେଜଣ ଗ୍ରାମବାସୀ ଦାବି ଉପସ୍ଥାପନ କରିଥିଲେ। ହେଲେ ଅନ୍ୟ କେତେଜଣ ପ୍ରସ୍ତାବିତ ପ୍ରକଳ୍ପକୁ ବିରୋଧ କରିଥିଲେ। ସେହିପରି ରସାସିଂହ ଗ୍ରାମରେ ୦.୩ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଲୋକଙ୍କ ମତାମତ ଲୋଡ଼ାଯାଇଥିଲା। ୨ନଂ. ୱାର୍ଡସଭ୍ୟା ମମତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୩ନଂ. ୱାର୍ଡସଭ୍ୟ ସୁଶୀଳ ପରିଡ଼ା ଉପସ୍ଥିତ ଥିଲେ। ଏଠାରେ ମଧ୍ୟ ଲୋକମାନେ ଉଭୟ କମ୍ପାନୀ ସପକ୍ଷ ଓ ବିପକ୍ଷରେ ମତ ରଖିଥିଲେ। ଉଭୟ ସଭାରେ ସଦାଶିବପୁର ସରପଞ୍ଚ ଈଶ୍ୱର ଚନ୍ଦ୍ର ରାଉତ, ସମିତି ସଭ୍ୟା ଧରିତ୍ରୀ ମଲ୍ଲିକ, ବିଡିଓ ଉତ୍କଳ ରଞ୍ଜନ ଶତପଥୀ, ତହସିଲଦାର ବାଣୀନିବେଦିତା ସ୍ୱାଇଁ, କମ୍ପାନୀର ସ୍ଥାନୀୟ ପ୍ରକଳ୍ପ ମୁଖ୍ୟ ଅରୂପ ଖାନାରା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ଡିପୋ ପାଇଁ ବର୍ତ୍ତମାନ ସୁଦ୍ଧା ୪୨ ଏକର ବେସରକାରୀ ଏବଂ ୧.୮୪ ଏକର ସରକାରୀ ଜମି ଅଧିଗ୍ରହଣ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମସ୍ତ ପଦକ୍ଷେପ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

